# ଶ୍ରମ ପାଇଁ ଶ୍ରମିକ ବାରଦୁଆର

- ଶିଳ୍ପ ପ୍ରତିଷ୍ଠା ଆରମ୍ଭରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ତଦନ୍ତ ହେଲାନି
- ୧୦ ବର୍ଷ ତଳର ପ୍ରତିଶ୍ରୁତି ଫସର ଫାଟିଛି
- କଳିଙ୍ଗନଗର ଶିଳ୍ପାଞ୍ଚଳ

ଯାଜପୁର,୩୦।୪(ହର୍ଷବର୍ଦ୍ଧନ ବେହେରା):



ଶିଳ୍ପାୟନ ଦ୍ୱାରା ଜିଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ସ୍ଥାୟୀ ନିଯୁକ୍ତି ପାଇ ସ୍ଥାନୀୟ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବ। ଏହିଭଳି ମନଲୋଭା ପ୍ରତିଶ୍ରୁତି ପାଇ ଜିଲାବାସୀ କଳିଙ୍ଗନଗରରେ ଶିଳ୍ପ କାରଖାନାକୁ ସ୍ୱାଗତ କରିଥିଲେ। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳର ୫ଟି ଶିଳ୍ପ କାରଖାନା ଏବେ ରୁଗ୍ଣ ଅବସ୍ଥାରେ ପଡ଼ିଥିବାରୁ ଶ୍ରମ ପାଇଁ ଶ୍ରମିକ ବାରଦୁଆର ହେଉଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ନିଯୁକ୍ତି ସଂକ୍ରାନ୍ତରେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ତଦନ୍ତ ହେଉ ନ ଥିବାରୁ ଅଣଓଡ଼ିଆଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ ହୋଇ ଆସୁଛି। ଦୀର୍ଘ ୧୦ ବର୍ଷ ହେଲା ଏହାର ପ୍ରତିବାଦରେ କୌଣସି ବଡ଼ଧରଣର ଆନ୍ଦୋଳନ ହୋଇଥିବା ଦେଖିବାକୁ ମିଳିନାହିଁ।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ୬ରୁ୭ ବର୍ଷ ହେବ ମେସ୍କୋ କାରଖାନା ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ କେଜେ ଇସ୍ପାତ, ଭିସା ଷ୍ଟିଲ, ଯାଜଦାନି ଓ ମଇଥାନ ଇସ୍ପାତ କାରଖାନାର ସ୍ଥିତି ଟଳମଳ ଅବସ୍ଥାରେ ରହିଛି। ଏହି ଶିଳ୍ପ କମ୍ପାନୀଗୁଡ଼ିକର ନିଜସ୍ୱ ଖଣି ନଥିବାରୁ ଏଭଳି ଅବସ୍ଥାର ସମ୍ମୁଖୀନ ହେଉଥିବା କୁହାଯାଉଛି। ତେବେ ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ପାଇଁ ଜମି, ଘରଡ଼ିହ ହରାଇଥିବା ବିସ୍ଥାପିତ ଏବେ ନିଯୁକ୍ତି ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହାବାଦ ସମୁଦାୟ ଶିଳ୍ପାଞ୍ଚଳରେ ପ୍ରାୟ ୨୦ ହଜାର ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ହରାଇଥିବା କୁହାଯାଉଛି। ତେବେ କାର୍ଯ୍ୟକ୍ଷମ ଥିବା ଶିଳ୍ପ କାରଖାନାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ନେଇ ସଦାସର୍ବଦା ପ୍ରଶ୍ନ ହୋଇ ଆସୁଛି। କାରଖାନା କର୍ତ୍ତୃପକ୍ଷ ଯେଉଁ ନିଯୁକ୍ତି ସମ୍ପର୍କିତ ତଥ୍ୟ ଦେଉଛନ୍ତି ତାହାକୁ ସଂପୃକ୍ତ ପ୍ରଶାସନିକ ଅଧିକାରୀ ଆଖି ବନ୍ଦ କରି ମାନି ନେଉଛନ୍ତି। କଳିଙ୍ଗନଗର ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ କେବେବି ନିଯୁକ୍ତିକୁ ନେଇ ପ୍ରଶାସନିକ ତଦନ୍ତ ହୋଇ ପାରିନାହିଁ। ବୃହତ୍ତ ଇସ୍ପାତ କାରଖାନାଗୁଡ଼ିକ ଏଠାରେ ପ୍ରତିଷ୍ଠା ହେବାପରେ ନିଯୁକ୍ତିକୁ ନେଇ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ମଧ୍ୟରେ ବହୁ ଆଶା ରହିଥିଲା। କିନ୍ତୁ ଏହାର ଓଲଟା ହେବାରୁ ୨୦୧୬ ସେପ୍ଟେମ୍ବର ୧୪ରେ ସୁକିନ୍ଦା ନିର୍ବାଚନମଣ୍ଡଳୀର ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ୯ ଦଫା ସମ୍ବଳିତ ଦାବିଗୁଡ଼ିକର ସମାଧାନ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ରାଜି ହୋଇଥିଲେ। ବିସ୍ଥାପିତ କଲୋନୀକୁ ଅତ୍ୟାଧୁନିକ, ଜନପ୍ରତିନିଧିଙ୍କ ସହ ସୁସମ୍ପର୍କ ରକ୍ଷା, ସୁପର ସ୍ପେସିଆଲିଟି ଡାକ୍ତରଖାନା ଆରମ୍ଭ, ସ୍ଥାନୀୟ ନିଯୁକ୍ତି ଆଦି ଦାବିଗୁଡ଼ିକ ଉପରେ କମ୍ପାନୀ କର୍ତ୍ତୃପକ୍ଷ ମାନି ନେଇଥିଲେ।

ନୀଳାଚଳ ହାଉସରେ ତତ୍କାଳୀନ ଜିଲାପାଳ ସତ୍ୟକୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାଧାନ ବୈଠକରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ଆରଡିସି ବିକାଶ ମହାପାତ୍ର ଓ ତତ୍କାଳୀନ ଶିଳ୍ପମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଏବଂ ତତ୍କାଳୀନ ବିଧାୟକଙ୍କ ଉପସ୍ଥିତିରେ ଏହିସବୁ ନିଷ୍ପତ୍ତି ହୋଇଥିଲା। ଫଳରେ ସେହି ସମୟରେ ୪ ସପ୍ତାହ ଧରି ସୁକିନ୍ଦା ବନ୍ଦ ଡାକରାକୁ ନେଇ ଅଞ୍ଚଳରେ ଦେଖାଦେଇଥିବା ହଟଚମଟର ଅନ୍ତ ଘଟିଥିଲା। କିନ୍ତୁ ସବୁ ଏବେ ଫସରଫାଟିଛି। ସେହି ସମୟରେ ପ୍ରତିଶ୍ରୁତିଗୁଡ଼ିକର କାର୍ଯ୍ୟକାରୀ କରିବାକୁ ଏକ କମିଟି ଗଠିତ ହୋଇଥିଲା। କମିଟିରେ ଜିଲାପାଳ, ବିଧାୟକ ଏବଂ କମ୍ପାନୀ କର୍ତ୍ତୃପକ୍ଷ ସଭ୍ୟ ଭାବେ ରହିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୫ଦିନ ମଧ୍ୟରେ କମିଟି ନିଯୁକ୍ତି ସମ୍ପର୍କରେ ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ। ସମୟ ଗଡ଼ିବା ସହିତ ଏହିସବୁ ନିର୍ଦ୍ଦେଶ ମଧ୍ୟ ଉଭାନ ହୋଇଯାଇଛି। ଆନ୍ଦୋଳନର ନେତୃତ୍ୱ ନେଇଥିବା ନେତୃବର୍ଗ ମଧ୍ୟ ନୀରବି ଯାଇଛନ୍ତି । ଯଦ୍ୱାରା କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନି ଜାରି ରହିଛି। ବିଗତ ବର୍ଷଗୁଡ଼ିକରେ ପ୍ରାୟ ୨୦ ହଜାର ଠିକା ଶ୍ରମିକ ନିଯୁକ୍ତି ହରାଇଛନ୍ତି। ସେଥିରୁ କେବଳ ଓଡ଼ିଶାର ଅର୍ଦ୍ଧାଧିକ ନିଯୁକ୍ତି ହରାଇଥିବାବେଳେ ପ୍ରାୟ ୪ ହଜାର ଅଣଓଡ଼ିଆ ରହିଛନ୍ତି। ଛଟେଇ କ୍ଷେତ୍ରରେ ଓଡ଼ିଆଙ୍କୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ନିୟମିତ ନିଯୁକ୍ତିରେ ଅଣଓଡ଼ିଆଙ୍କୁ ଅଧିକ ଅଗ୍ରାଧିକାର ଦିଆଯାଉଛି। ସ୍ଥାନୀୟ ନିଯୁକ୍ତିକୁ ନେଇ ଆନ୍ଦୋଳନ ଡାକରା ଦେଇଥିବା ସେହି ନେତୃବର୍ଗଙ୍କ ମଧ୍ୟରୁ ଏବେ କେତେକ ପ୍ରଭାବଶାଳୀ ନେତା ହୋଇ ପାରିଛନ୍ତି। ହେଲେ ସେମାନଙ୍କ ମୁହଁ ମଧ୍ୟ ବନ୍ଦ ରହିଛି।

ଶ୍ରମିକଙ୍କ ସ୍ୱାର୍ଥ ଯେପରି ଉପେକ୍ଷିତ ହୋଇ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି ସେ ନେଇ ଦଳୀୟ ନେତୃବର୍ଗଙ୍କ ପଦକ୍ଷେପ ମଧ୍ୟ ସେତେଟା ଆଶାନୁରୂପ ହୋଇ ପାରୁନାହିଁ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ବୁଧବାର କଳିଙ୍ଗନଗର ଶିଳ୍ପାଞ୍ଚଳ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ସହରାଞ୍ଚଳ ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଞ୍ଚଳ ଭିତ୍ତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଘଟିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା। କିନ୍ତୁ ସେ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗକୁ ଭୁଲି ଯାଇଥିଲେ ବୋଲି ଅଭିଯୋଗ ଉଠିଛି।

ଅନ୍ୟପକ୍ଷେ ଏହି ଶିଳ୍ପାଞ୍ଚଳରେ ପ୍ରାୟ ୩୫୦ ଅଣଓଡ଼ିଆ ଏବଂ ୨୦୦ ଓଡ଼ିଆ ଠିକାସଂସ୍ଥା କାମ କରୁଛନ୍ତି। ଅଣଓଡ଼ିଆ ଠିକାସଂସ୍ଥା ବାହାର ରାଜ୍ୟର ଶ୍ରମିକଙ୍କୁ ଅଧିକ ଗୁରୁତ୍ୱ ଦେଉଥିବାରୁ ସେମାନଙ୍କ ସଂଖ୍ୟା ମଧ୍ୟ ଅଞ୍ଚଳରେ ବଢ଼ିବା ଆରମ୍ଭ ହୋଇଛି। କମ୍ପାନୀ ବସଗୁଡ଼ିକରେ ମଧ୍ୟ ଅଣଓଡ଼ିଆ ଅଧିକ ଯାତାୟାତ କରୁଥିବା ଚର୍ଚ୍ଚା ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ ମିଟୁ



@ ସରିତା



@ ଶଶିକାନ୍ତ



@ ସିଦ୍ଧାନ୍ତ



@ ତୋଫାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସେଣ୍ଟ ମେରିସ୍ ସ୍କୁଲର ସଫଳତା



ଦିବ୍ୟଜ୍ୟୋତି ପ୍ରକାଶ।



ସୌରଭ କୁମାର।



ଈପ୍ସିତା ଛଟରାଜ।



ଦିଗବିଜୟ ସିଂ।



ନିଶିଶ୍ରୀ ସାହୁ।

ବ୍ୟାସନଗର,୩୦।୪(ପବିତ୍ର ରଞ୍ଜନ ମହାନ୍ତି): ଆଇସିଏସଇ ଓ ଆଇଏସ୍‌ସି ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲା ବ୍ୟାସନଗର ସ୍ଥିତ ସେଣ୍ଟ ମେରିସ ବିଦ୍ୟାଳୟର ଛାତ୍ରୀଛାତ୍ର ଅପୂର୍ବ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ମୋଟ ୧୦୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣ ଛାତ୍ରୀଛାତ୍ର ୯୦% ଉପରେ ମାର୍କ ରଖିଛନ୍ତି। ଛାତ୍ରୀ ଇପ୍ସିତା ଛଟରାଜ ୯୮. ୮ % ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଛାତ୍ର ଦିଗବିଜୟ ସିଂ ୯୮ % ନମ୍ବର ରଖି ଦ୍ୱିତୀୟ ସ୍ଥାନ, ଛାତ୍ର ଦିବ୍ୟମ ଜ୍ୟୋତି ପ୍ରକାଶ ଓ ନିଶିଶ୍ରୀ ସାହୁ ୯୭ % ନମ୍ବର ରଖି ମିଳିତ ଭାବରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଭାବରେ ଦ୍ୱାଦଶ ବୋର୍ଡ ପରୀକ୍ଷାର ୫ ଛାତ୍ରୀଛାତ୍ର ୯୦% ଉପରେ ମାର୍କ ରଖି ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ଛାତ୍ର ସୌରଭ କୁମାର ୯୫% ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା, ପରିଚାଳକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅଧ୍ୟକ୍ଷା ସିଷ୍ଟର ଲଳିତା, ପରିଚାଳକ ଫାଦର ଅକ୍ଷୟ ସେନାପତି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଶ୍ୱ ନୃତ୍ୟ ଦିବସ ପାଳିତ

ଚଣ୍ଡିଖୋଲ,୩୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ଉଦୀୟମାନ କଳା ପରିଷଦରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହେଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ରାମଚନ୍ଦ୍ର ଶୁକ୍ଳ, ମୁଖ୍ୟବକ୍ତାଭାବେ ଅଭିନେତା ତଥା କଣ୍ଠଶିଳ୍ପୀ ପ୍ରମୋଦ କୁମାର ଦାସ, ସମ୍ମାନିତ ଅତିଥି ଓଡ଼ିଶୀ ନୃତ୍ୟଗୁରୁ ଆଶିଷ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ କହିଥିଲେ, ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ନେଇ ରାଜ୍ୟ ସରକାର ତତ୍ପର ହେବା ଜରୁରୀ। ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ଏହି କଳାକୁ ସାଧନ କରି ଓଡ଼ିଶାର ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ଆଗେଇ ଆସିଲେ ଏହା ଆହୁରି ସୁଦୂର ପ୍ରସାର ହୋଇ ବିଶ୍ୱଦରବାରରେ ପ୍ରସିଦ୍ଧି ଲାଭ କରିବ ବୋଲି ମତ ପ୍ରକାଶ କରିଥିଲେ। ପରେ ନୃତ୍ୟ ଶିଳ୍ପୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ଚୁପ

ପାଣିକୋଇଲି,୩୦।୪(ବିକାଶ ଚନ୍ଦ୍ର ମଲ୍ଲିକ):

**ଏସ୍‌ପିଙ୍କୁ ଭେଟିଲେ ପରିବାର**

ଏକ ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପ ରହିଛି। ତେଣୁ ଗୁରୁବାର ପୀଡ଼ିତ ପରିବାର ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଯାଜପୁର ଜିଲା ଦଶରଥପୁର ଥାନା ରାହାସୋଇ ଗ୍ରାମର ଶ୍ରୀକାନ୍ତ ପ୍ରଧାନଙ୍କ ଅଭିଯୋଗ ମୁତାବକ, ଗତ ୨୦ ତାରିଖରେ ତାଙ୍କ ପୁଅ ପ୍ରତାପ ପ୍ରଧାନ ଘରପାଖ କର୍ଲଭଟ ଉପରେ ରାତ୍ରି ସମୟରେ ବସିଥିଲେ। ଏହି ସମୟରେ ଗ୍ରାମର ଟୁଲୁ ପଣ୍ଡା, ନଣ୍ଡା ଦାସ, ଶ୍ରୀକାନ୍ତ ପଣ୍ଡା, ନନ୍ଦ ପାଣିଗ୍ରାହୀ, ଧନୀ ପଣ୍ଡା ପ୍ରମୁଖ ସଂଘବଦ୍ଧ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୁହା ରଡ୍ ଓ କିଳାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ଘରପୋଡି ଦେବାକୁ ମଧ୍ୟ ଧମକ ଦେଇଥିଲେ। ଆକ୍ରମଣରେ ଗୁରୁତର ହୋଇ ପ୍ରତାପ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏନେଇ ଗତ ୨୨ ତାରିଖରେ ସେ ଦାଶରଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୬ ତାରିଖରେ ପୁଣି ଏକ ଏତଲା ଦେବାକୁ କହିଥିଲେ। ସେ ଏତଲା ଦେଇଥିଲେ ମଧ୍ୟ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉନାହିଁ। ଫଳରେ ପରିବାର ଜୀବନ ପ୍ରତି ବିପଦ ରହିଛି ବୋଲି ଶ୍ରୀକାନ୍ତଙ୍କ ପରିବାର ଏସ୍‌ପିଙ୍କୁ ଜଣାଇଛନ୍ତି।

## ଭକୁଡ଼ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଚଣ୍ଡିଖୋଲ,୩୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଭାକୁଡ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଆରମ୍ଭ ହୋଇଛି। ବିରୂପା ନଦୀର ଗୁଣ୍ଡୁପୁର ଶନି ଘାଟରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ୩ ଦିନ ଧରି ଚାଲିବ। କ୍ଷୀରୋଦ ଚନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ସୁଲୋଚନା କର୍ତ୍ତା ଭାବରେ ଯୋଗଦେଇଛନ୍ତି। ମନ୍ଦିର ପ୍ରତିଷ୍ଠାତା ମୁଖ୍ୟ ରବୀନ୍ଦ୍ର ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିତେନ୍ଦ୍ର ନାଥ ମିଶ୍ର, ଧନେଶ୍ୱର ମହାନ୍ତି, ଭୀମସେନ ରାଉତ ଓ ମହେଶ୍ୱର ବଳ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।

## ଚିକିତ୍ସା ପାଇଁ ସରକାରୀ ସହାୟତାକୁ ଅପେକ୍ଷା

ରସୁଲପୁର,୩୦।୪(ରଞ୍ଜିତ ରାଉତ):

**ଦୁର୍ଘଟଣାରେ ଅକର୍ମଣ୍ୟ ହେଲେ ଛାତ୍ର**



ରସୁଲପୁର ବ୍ଲକ ବଡ଼କଇଞ୍ଚ ପଞ୍ଚାୟତ ଗୋପୀନାଥପୁର ଗ୍ରାମର ୧୩ବର୍ଷୀୟ ଛାତ୍ର ଆଦିତ୍ୟ ପରିଡ଼ା ସ୍କୁଲରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇ ଅକର୍ମଣ୍ୟ ହୋଇଯାଇଛନ୍ତି। ୪ ବର୍ଷ ତଳେ ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇ ସେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସିତ ହୋଇ ଜୀବନ ବଞ୍ଚିଗଲା। ମାତ୍ର ସେ ଚାଲିବା ଓ କଥା କହିବା ଶକ୍ତି ହରାଇ ବସିଲେ। ଛାତ୍ରଙ୍କ ମେରୁଦଣ୍ଡରେ ଆଘାତ ଯୋଗୁ ସେ ଏବେ ବିଛଣାରେ ପଡ଼ି ରହିଛନ୍ତି। ଡାକ୍ତର କହୁଛନ୍ତି ଉନ୍ନତ ଚିକିତ୍ସା କଲେ ଆଦିତ୍ୟ ସୁସ୍ଥ ହୋଇପାରିବେ। ଏଥିପାଇଁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମାତ୍ର ଅର୍ଥ ଅଭାବରୁ ତାହା ସମ୍ଭବ ହୋଇ ପାରୁନାହିଁ। ସରକାରୀ ସହାୟତା ମିଳିଲେ ଛାତ୍ର ପୁଣି ସୁସ୍ଥ ହୋଇ ବିଦ୍ୟାଳୟକୁ ଫେରିପାରନ୍ତେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

ଆଦିତ୍ୟଙ୍କ ବାପା ବିଦ୍ୟାଧର ପରିଡ଼ା ଦିନମଜୁରିଆ। ସେ କହିଛନ୍ତି, ୨୦୨୨ରେ ସ୍କୁଲରୁ ଫେରିଲାବେଳେ ତାଙ୍କ ପୁଅଙ୍କୁ ବାଇକ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଥିଲା। କଟକ ବଡ଼ ମେଡିକାଲ ଓ ପରେ ଘରୋଇ ମେଡିକାଲରେ ୬ ମାସ ଚିକିତ୍ସା ପରେ ପୁଅର ଜୀବନ ବଞ୍ଚିଗଲା। ହେଲେ ପୁଅ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିଲେନାହିଁ। ଏତିକି ଚିକିତ୍ସା ପାଇଁ ଘର, ଜମି ଓ ସୁନା ବିକି ୬ ଲକ୍ଷ ଖର୍ଚ୍ଚ କାରିବାକୁ ପଡ଼ିଲା। ଏବେ ଅର୍ଥ ଅଭାବରୁ ଉନ୍ନତ ଚିକିତ୍ସା ହୋଇପାରୁନାହିଁ। ଆଦିତ୍ୟ ହୁଇଲ ଚେୟାରରେ ଦିନ କାଟୁଛନ୍ତି। ସେ କଥା କହିବାକୁ ଚେଷ୍ଟା କଲେ ବି ଶବ୍ଦ ସ୍ପଷ୍ଟ ହେଉନି। ମା’ ଅନ୍ନପୂର୍ଣ୍ଣା ପରିଡ଼ା କହିଛନ୍ତି, ପୁଅ ତାଙ୍କର ଭଲ ପାଠ ପଢୁଥିଲେ। ଡାକ୍ତର ହେବାକୁ ସପ୍ନ ଦେଖିଥିଲେ। ସରକାର ସାହାଯ୍ୟ କଲେ ତାଙ୍କ ପୁଅ ସୁସ୍ଥ ହୋଇପାରନ୍ତେ। ଗ୍ରାମବାସୀ ମଧ୍ୟ ଆଦିତ୍ୟଙ୍କ ପାଇଁ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସହାୟତା ଦାବି କରିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ କହିଛନ୍ତି, ଆଦିତ୍ୟଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଅଛି। ସବୁ କାଗଜପତ୍ର ବିଡିଓଙ୍କ ପାଖକୁ ପଠାଇଛୁ। ହେଲେ ସହାୟତା ମିଳି ପାରୁନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ଯୋଜନା ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଆଦିତ୍ୟ ସହାୟତା ପାଇପାରିବ ବୋଲି ଜିଲା ମୁଖ୍ୟଚିକିତ୍ସା ଅଧିକାରୀ କହିଛନ୍ତି।

## ସୁନ୍ଦରପୁରରେ ପାଣି ପାଇଁ ଲୋକେ ହନ୍ତସନ୍ତ

**ବିଭାଗ ନୀରବଦ୍ରଷ୍ଟା**

- ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଗ୍ରାମବାସୀ

ସିଂହପୁର,୩୦।୪(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୁଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ୧୦ ଓ ୧୩ ନମ୍ବର ୱାର୍ଡର ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ହେଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଏହାଜାଣି ନୀରବ ରହିଥିବା ୱାର୍ଡବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ପାଣି ସମସ୍ୟାକୁ ନେଇ ସେମାନେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

ଉଭୟ ୱାର୍ଡରେ ୩୦୦ ପରିବାର ବାସ କରୁଛନ୍ତି। ଗ୍ରାମରେ ବସୁଧା



ବସୁଧା ଯୋଜନାରେ ନିର୍ମିତ ପାଣି ଟାଙ୍କି।

ଯୋଜନାରେ ନିର୍ମିତ ପ୍ରକଳ୍ପରୁ ପାଣି ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ପାଇପ୍ ପାଣି ପ୍ରେସର କମ ରହୁଥିବାରୁ ଗ୍ରାମରେ ଥିବା ଅନେକ ଟ୍ୟାପ୍‌ରୁ ପାଣି ବାହାରୁନାହିଁ। ଅଧିକାଂଶ ସମୟରେ ଆଇରନ ପାଣି ବାହାରୁଛି, ଯାହାକି ବ୍ୟବହାର ଅନୁପଯୋଗୀ। ଏହି ସମସ୍ୟା ଦୀର୍ଘ ଦିନ ହେଲା ଲାଗି ରହିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ସମ୍ପର୍କରେ ଲୋକେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷେ ରାଜନୈତିକ ପାତରଅନ୍ତର ନୀତି ଯୋଗୁ ୧୦୦ ମିଟର ବ୍ୟବଧାନରେ ୪ଟି ନଳକୂଅ ବସାଯାଇଥିବାବେଳେ ୨ ୱାର୍ଡର ଲୋକେ ନଳକୂଅରୁ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ପ୍ରଭାସ କୁମାର ସାମଲ, ମନୋରଞ୍ଜନ ନାୟକ, ସୁଶାନ୍ତ କୁମାର ନାୟକ, ସୁଶୀଲ କୁମାର ସାମଲ, ମାୟାଧର ନାୟକଙ୍କ ସମେତ ୱାର୍ଡବାସୀ ଦାବି କରିଛନ୍ତି। ଏଥିରେ ବିଳମ୍ବ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

**କାଳବୈଶାଖୀ ଝଡ଼ବର୍ଷାରେ ମୁଗ ଫସଲ ନଷ୍ଟ**

ପାଟକୁରା, (ରବୀନ୍ଦ୍ର ନାଥ ବାରିକ): ଗୁରୁବାର ସନ୍ଧ୍ୟାରେ କାଳ ବୈଶାଖୀ ଝଡବର୍ଷାରେ ଗରଦପୁର ବ୍ଲକ ଅଞ୍ଚଳରେ ମୁଗ ଫସଲ ବ୍ୟାପକ କ୍ଷତି ହୋଇଛି। ଗଛ ଉପୁଡ଼ି ଯାଇ କିଆରିରେ ପଡ଼ିଥିବା ମୁଗ ଉପରେ ପାଣି ମାଡ଼ିଯାଇଛି। ବେତାରୀ, ସୋଲପାଟ, ପରକଣା, ଶ୍ରୀଚନ୍ଦନପୁର, ଦଲୁଆଣି, ଗୋତ୍ରବିଲ, ବଙ୍ଗାରି, ତଳକୁସୁମା ଗ୍ରାମ ସମେତ ଅନେକ ଗ୍ରାମରେ ମୁଗ ଫସଲ ବ୍ୟାପକ ଭାବେ କ୍ଷତି ହୋଇଛି। ଫସଲ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ପରକଣାର ଚାଷୀ ନାରାୟଣ ସାହୁ, ବେତାରୀର ରବୀନ୍ଦ୍ର ନାଥ ବାରିକ, ବଙ୍ଗାରିର ଶଶୀଭୂଷଣ ଜେନା, କୁଳାଡୁଠିର ଶରତ ମହାରଣା ପ୍ରମୁଖ କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଅଧିକାରୀଙ୍କୁ ଘେରିଲେ, ପାଣି ଯୋଗାଇବାକୁ ଦାବି

## ପାଇପ୍ ପାଣିରୁ ବଞ୍ଚିତ କାଉପଡ଼ାର ୨ନଂ ୱାର୍ଡ଼ ଅଧିବାସୀ

### ଅନଧିକୃତ ପାଇପ ସଂଯୋଗକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

**ଡେରାବିଶ, ୩୦।୪(ବେବର୍ତ୍ତା ଅଜୟ ଦାସ)**

ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାନୀୟ ଜଳ ସମସ୍ୟା ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ କାଉପଡ଼ା ଗ୍ରାମର ୨ନଂ ୱାର୍ଡ଼ବାସୀଙ୍କୁ ସମସ୍ୟାରେ ପକାଇଛି। ଦୀର୍ଘଦିନ ହେବ ଗ୍ରାମରେ ଥିବା ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଛି। ଓଭରହେଡ୍ ଟାଙ୍କିରୁ ୱାର୍ଡ଼ ଅଧିବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ନେଇ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ମନୋଜ କୁମାର ମଳିକ, ଉମେଶ ଚନ୍ଦ୍ର ମଳିକ, ପ୍ରଫୁଲ୍ଲ କୁମାର ମଳିକ, ଜିତେନ୍ଦ୍ର ମଳିକ ପ୍ରମୁଖ ଅଭିଯୋଗ କରିଥିବା କହିଛନ୍ତି । ହେଲେ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଫଳରେ ଗ୍ରାମରେ ସଚଳ ଥିବା ଗୋଟିଏ ନଳକୂପରୁ ଲୋକେ ବଡକଷ୍ଟରେ ଜଳ ସଂଗ୍ରହ କରୁଥିଲେ। ହେଲେ ସେହି ନଳକୂପଟି ଗତ ଚାରିଦିନ ହେବ ଅଚଳ ହୋଇପଡ଼ିଛି। ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନ, ଡେରାବିଶ ବ୍ଲକର ସହକାରୀ ଯନ୍ତ୍ରୀ ବିଭୁଦତ ଦାଶଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବର ପାଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଗାଡ଼ିକୁ ଘେରାଉ କରିଥିଲେ। ତୁରନ୍ତ ଆଜି ଏହି ୱାର୍ଡ଼କୁ ପାନୀୟ ଜଳ ଯୋଗାଇବାକୁ କହିଥିଲେ। ଓଭରହେଡ୍ ଟାଙ୍କିରୁ ଗ୍ରାମ ମଧ୍ୟକୁ ଯାଇଥିବା ମୁଖ୍ୟ ପାଇପ୍‌କୁ ମରାମତି କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ବିଭାଗୀୟ ଠିକାଦାରଙ୍କୁ ଘଟଣାସ୍ଥଳକୁ



ମୁଖ୍ୟ ପାଇପରୁ ସଂଯୋଗ କରି ଅନ୍ୟତ୍ର ନିଆଯାଇଥିବା ପାଇପ।

ଡକାଇଥିଲେ। ମାତ୍ର ଏହି ମୁଖ୍ୟ ପାଇପ୍‌ରୁ ଅନଧିକୃତ ଭାବେ ଗ୍ରାମର ଜଣେ ବ୍ୟକ୍ତି ଏକ ମୋଟା ପାଇପ୍‌କୁ ସଂଯୋଗ କରି ନିକଟରେ ଥିବା ଏକ ପାର୍କ ଓ ମନ୍ଦିରକୁ ପାଣି ନେଉଥିବାରୁ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହେଉଥିବା ନିର୍ବାହୀ ଯନ୍ତ୍ରୀ ଦେଖିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ ଅନଧିକୃତ ପାଇପ୍‌କୁ ବିଚ୍ଛିନ୍ନ କରିବାକୁ ଠିକାଦାରଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସମ୍ପୃକ୍ତ ବ୍ୟକ୍ତି ଜଣକ ଏହି ପାଇପ୍‌କୁ କୌଣସି ପରିସ୍ଥିତିରେ ବିଚ୍ଛିନ୍ନ କରାଇଦେବେ ନାହିଁ ବୋଲି କହିଥିଲେ। ବାଧ୍ୟ ହୋଇ ନିର୍ବାହୀଯନ୍ତ୍ରୀ ଲୁଗୁନ୍ ସମ୍ପୃକ୍ତ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅନଧିକୃତ ଭାବେ ମୁଖ୍ୟପାଇପ୍‌ରୁ ସଂଯୋଗ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ ଡେରାବିଶ ଥାନାରେ ନିର୍ବାହୀ ଯନ୍ତ୍ରୀ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଭୁଦତ ଦାଶ କୁହନ୍ତି, ପ୍ରତ୍ୟେକ ଗ୍ରାମରେ କିପରି ପାନୀୟ ଜଳ ସାଧାରଣ ଲୋକେ ପାଇବାରେ ଅସୁବିଧା ନହୁଏ ସେ ଦିଗରେ ବିଭାଗ ଯତ୍ନବାନ ଅଛି । ମାତ୍ର ଗ୍ରାମର କେତେକ ଅସାଧୁ ବ୍ୟକ୍ତିଙ୍କ ପାଇଁ ସାଧାରଣ ଲୋକେ ପାନୀୟ ଜଳ ସମସ୍ୟା ଭୋଗୁଥିବା କହିଛନ୍ତି। ଜଳକ୍ଳିଷ୍ଟ ସମ୍ପୃକ୍ତ ଗ୍ରାମରେ ଥିବା ଅଚଳ ନଳକୂପଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ମରାମତି କରାଯାଇଥିବା ଏବଂ ଏହି ଗ୍ରାମକୁ ତୁରନ୍ତ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଥିବା ସହକାରୀ ଯନ୍ତ୍ରୀ ଦାଶ କହିଛନ୍ତି। ସରପଞ୍ଚ ପ୍ରତାପ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ପଞ୍ଚାୟତ ନିକଟରେ ଥିବା ପାର୍କ କିମ୍ବା ମନ୍ଦିରକୁ ପାଣି ପାଇପ୍ ସଂଯୋଗ ହୋଇଥିବା ନେଇ ସେ ଜାଣି ନ ଥିବା କହିଛନ୍ତି। ତେବେ ପାର୍କ ପଞ୍ଚାୟତର ହୋଇଥିବା ବେଳେ ମନ୍ଦିର ମଧ୍ୟ କାର୍ଯ୍ୟାଳୟ ନିକଟରେ ରହିଛି।

# ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର

**ପଟ୍ଟାମୁଣ୍ଡାଇ,୩୦।୪ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମରେ କିଛିଦିନ ହେଲା ମାଙ୍କଡ ଉପଦ୍ରବରେ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡିଛନ୍ତି। ମାଙ୍କଡମାନେ ଦଳବଦ୍ଧ ହୋଇ ଯାତାୟାତ କରୁଥିବା ଲୋକଙ୍କୁ କାମୁଡି ଗୁରୁତର କରୁଛନ୍ତି। ୨ ସପ୍ତାହ ଭିତରେ ସେମାନେ ୭ଜଣଙ୍କୁ କାମୁଡ଼ି ଘାଇଲା କଲେଣି। ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ସର୍ବେଶ୍ୱର ନାୟକଙ୍କୁ (୧୨)ଙ୍କୁ ଅତର୍କିତଭାବେ ମାଙ୍କଡ଼ ଆକ୍ରମଣ କରିଥିଲା। ତାଙ୍କ ହାତ ଓ ବେକକୁ କାମୁଡ଼ି ରକ୍ତାକ୍ତ କରି ପକାଇଥିଲା। ତାଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀ ଠେଙ୍ଗାବାଡ଼ି ଧରି ଧାଇଁ ଆସିବାରୁ ମାଙ୍କଡ଼ ଡିଆଁ ମାରି ପଳାଇଥିଲା। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟ ନିଆ ଯାଇଥିଲା। ଏଥିପୂର୍ବରୁ ଏହି ଗାଁର ସାଇନାଥ ବାରିକ (୧୩), ଲିଟୁ ମଲିକଙ୍କ ପୁଅ ଜ୍ଞାନ ମଲିକଙ୍କୁ ମାଙ୍କଡ଼ କାମୁଡ଼ି ଗୁରୁତର କରିଥିଲା। ସେହିଭଳି ଗ୍ରାମର ଅନ୍ୟ ୫ରୁ ୬ ଜଣ ଆକ୍ରମଣର ଶିକାର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ମହାକାପଡା ରେଞ୍ଜ ଅଫିସର ଶାନ୍ତନୁ ଦଳାଇଙ୍କୁ ଲୋକେ ଜଣାଇଥିଲେ। ମାତ୍ର ମାଙ୍କଡକୁ କ'ଣ ଆମେ ଛାଡିଛୁ ବୋଲି କହି ଫୋନ କାଟିଦେଇଥିଲେ। ପରେ ଗ୍ରାମବାସୀ ରାଜନଗର ଡିଏଫ୍‌ଓଙ୍କୁ ଅଭିଯୋଗ କରିଥିଲେ। ବନ ବିଭାଗ ମାଙ୍କଡ଼କୁଧରିବା ପାଇଁଅପରେଶନ ଆରମ୍ଭ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଦନ୍ତ ପରାମର୍ଶଦାତା ପରିଷଦରେ ଡାକ୍ତର ଆଶିଷ କୁମାର ବାରିକ

**ରାଜକନିକା,୩୦।୪(ସଞ୍ଜୟ କୁମାର ଦାଶ)**

କେନ୍ଦ୍ର ସରକାର ଦେଶରେ ଦନ୍ତ ଚିକିତ୍ସା ଶିକ୍ଷା ଏବଂ ବୃତ୍ତିରେ ସଂସ୍କାର ଆଣିବା ଉଦ୍ଦେଶ୍ୟ ରଖି ଗଠିତ ରାଷ୍ଟ୍ରୀୟ ଦନ୍ତ ଆୟୋଗ



ଅଧୀନରେ ଥିବା ଦନ୍ତ ପରାମର୍ଶଦାତା ପରିଷଦରେ ଓଡ଼ିଶାରୁ ଦୁଇଜଣ ବିଶିଷ୍ଟ ଡାକ୍ତର ସଦସ୍ୟଭାବେ ମନୋନୀତ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ କାଟଣା ଡାଏଣିଗିରିର ପୁଅ ତଥା ଏସ୍‌ସିବି ଦନ୍ତ ଚିକିତ୍ସା ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ତଥା ଓଡ଼ିଶା ଷ୍ଟେଟ୍ ଡେଣ୍ଟାଲ କାଉନସିଲ ସଭାପତି ଡାକ୍ତର ଆଶିଷ କୁମାର ବାରିକ। ସେ ଜାତୀୟସ୍ତର ଆୟୋଗରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଓଡ଼ିଶାର ଦନ୍ତ ଚିକିତ୍ସକମାନଙ୍କ ସମସ୍ୟା, ସ୍ଥାନୀୟ ଶିକ୍ଷା ବ୍ୟବସ୍ଥାର ଉନ୍ନତି ଏବଂ ରାଜ୍ୟର ସ୍ୱାସ୍ଥ୍ୟସେବା ସମ୍ପର୍କିତ ପ୍ରସ୍ତାବ ଆୟୋଗରେ ଉପସ୍ଥାପନ କରିବେ। ଜାତୀୟସ୍ତରରେ ବିଶେଷଜ୍ଞ ଡାକ୍ତରଭାବେ ମନୋନୀତ ହେବା ପରେ ଖାଲି ଜନ୍ମମାଟି କାଟଣା ଡାଏଣିଗିରି ନୁହେଁ ରାଜକନିକା ବ୍ଲକ ତଥା କେନ୍ଦ୍ରାପଡା ଜିଲାକୁ ଜାତୀୟ ସ୍ତରରେ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ଡାକ୍ତର ବାରିକଙ୍କୁ ରାଜ୍ୟର ବିଭିନ୍ନ ଦନ୍ତ ଚିକିତ୍ସକ ସଂଘ, ସହକର୍ମୀ, ଛାତ୍ରୀଛାତ୍ର ଓ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି। ଏହି ମନୋନୟନ ପରେ ଓଡ଼ିଶାର ଦନ୍ତ ଚିକିତ୍ସା ଶିକ୍ଷା ଏବଂ ଭିତ୍ତଭୂମିରେ ବ୍ୟାପକ ଉନ୍ନତି ଆସିବ ବୋଲି ଆଶା କରାଯାଇଛି।

# ବିଷଦେଇ ୧୨ଛେଳିଙ୍କୁ ମରାଯାଇଥିବା ଅଭିଯୋଗ



ମୃତ ଛେଳି ନିକଟରେ ପ୍ରାଣୀଧନ ଚିକିତ୍ସକ, ପୋଲିସ ଓ ଅଭିଯୋଗକାରୀ ମହିଳାମାନେ।

**ଡେରାବିଶ, ୩୦।୪(ବେବର୍ତ୍ତା ଅଜୟ ଦାସ)**

ବିଷ ଦେଇ ୧୨ ଛେଳିକୁ ମାରିଦେଇଥିବା ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ବୁଧବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ୍ ଅନ୍ତର୍ଗତ ବରାଙ୍ଗ ଗ୍ରାମର ଜାନକୀ ଜେନା। ଜାନକୀଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ଅପରାହ୍ନରେ ତାଙ୍କର ୪ଛେଳି ସମେତ ଗ୍ରାମର ଅନ୍ୟ କେତେଜଣଙ୍କ ଛେଳି ବିଲରେ ଚରୁଥିଲେ। ଏହି ସମୟରେ ସେଠାରେ ଥିବା ଏକ ଫସଲ କିଆରିରେ ପଶିଯାଇ ବିଷମିଶ୍ରିତ ପାଣି ପିଇଦେବାରେ ୧୨ଟି ଛେଳିର ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ଏହି ଛେଳି ଚାଷ ପାଇଁ ଜାନକୀଙ୍କ ସମେତ ଗ୍ରାମର ରୋଜାଲିନ୍ ଜେନା, ଜୟନ୍ତୀ ଜେନା, ଦିଲୀପ ଜେନା ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରୁ ଦେଢ଼ ଲକ୍ଷ ଟଙ୍କା ଋଣ ଆଣିଥିଲେ। ମାତ୍ର ବିଷାକ୍ତ ପାଣି ପିଇ ଏତେଗୁଡ଼ିଏ ଛେଳି ମରିଯିବାରୁ ଏବେ ଋଣ ଟଙ୍କା ସେମାନେ କିପରି ପରିଶୋଧ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ମରିଯାଇଥିବା ଛେଳିର ମୂଲ୍ୟ ଦେଢ଼ ଲକ୍ଷଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜାନକୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ତେବେ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଏକ ପରିବାର ଏହି ଛେଳିଗୁଡ଼ିକୁ ମାରିଥିବା ନେଇ ଜାନକୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ଛେଳିଚାଷୀଙ୍କୁ କ୍ଷତିପୂରଣ ଦେବା ସହ ନ୍ୟାୟ ପ୍ରଦାନ ପାଇଁ ଥାନା ଅଧିକାରୀଙ୍କ ନିକଟରେ ଜାନକୀ ପ୍ରାର୍ଥନା କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(ନଂ.୨୪୭/୨୬) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଗୁରୁବାର ଡେରାବିଶ ବ୍ଲକ ପ୍ରାଣୀଧନ ଚିକିତ୍ସକ ଦିଲୀପ କୁମାର ସେଠୀ ମୃତ ଛେଳିମାନଙ୍କର ବ୍ୟବଚ୍ଛେଦ କରାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି ।

# ଓଭରବ୍ରିଜରୁ ତଳକୁ ଖସିଲା ଟ୍ରକ୍



ଓଭରବ୍ରିଜରୁ ତଳକୁ ଖସି ପଡିଥିବା ଟ୍ରକ।

**କେନ୍ଦ୍ରାପଡା, ୩୦।୪ (ଜଗନ୍ନାଥ ଧଳ)**

୫୩ ନଂ ଜାତୀୟ ରାଜପଥ କେନ୍ଦ୍ରାପଡା ସହରର ଦୁହୁରିଆ ଓଭରବ୍ରିଜ ଉପରୁ ତଳକୁ ଏକ ଟ୍ରକ ବୁଧବାର ବିଳମ୍ବିତ ରାତିରେ ଖସିପଡିଛି । ଡ୍ରାଇଭର ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି। ସଦର ଥାନା ପୋଲିସ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କ ସୂଚନା ଅନୁଯାୟୀ ଓଡି ୩୫ ଇ ୦୧୫୭ ନମ୍ବରର ଟ୍ରକଟି ପାରାଦ୍ୱୀପରୁ କୋଇଲା ନେଇ ଯାଉଥିଲା। ସମ୍ମୁଖରୁ ହାଇୱାଟି ଆସି ଯିବାରୁ ଟ୍ରକ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା।

# ଦୁର୍ଦ୍ଦିନରେ ଅଣପଞ୍ଜୀକୃତ ଶ୍ରମିକ

**ମହାକାଳପଡ଼ା, ୩୦।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଗ୍ରାମାଞ୍ଚଳରେ ଅଣପଞ୍ଜୀକୃତ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ବୁଣାକାର ପରିବାର ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନଜାତି ମହିଳା, ପୁରୁଷ ଶ୍ରମିକଙ୍କ ଦାରିଦ୍ର୍ୟ ଓ ନିରକ୍ଷର ସେମାନଙ୍କ ପରିବାର ପ୍ରତିପୋଷଣରେ ବାଧକ ସାଜୁଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କୋଠାବାଡ଼ି, ରାସ୍ତାଘାଟ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଯାଉଥିଲେ ମଧ୍ୟ ଆମକୁ ଠିକାଦାର, ମଧ୍ୟସ୍ଥ ସ୍ୱଳ୍ପ ମଜୁରି ଦେଇଥାନ୍ତି ବୋଲି ସରସ୍ୱତୀ ଦାସ, ଭବାନୀ ମଣ୍ଡଳ, ଫୁଲ ଟୁଡୁ, ପାର୍ବତୀ ଦାସ, ସୁନା ମାରାଣ୍ଡି, ବାସୁଦେବ ହେମ୍ରମ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକ ଅଞ୍ଚଳରେ ବହୁ ଶ୍ରମିକ ପରିବାର ଦୁର୍ଦ୍ଦିନରେ ଜୀବନ ବିତାଉଥିବା ବୁଦ୍ଧିଜୀବୀ ନରୋତ୍ତମ ପାର୍ଥସାରଥି ଓ ନବ ନିର୍ମାଣ କୃଷକ ସଙ୍ଗଠନ ବ୍ଲକ ସଭାପତି ଅଙ୍କୁର ପଲେଇ କହିଛନ୍ତି। ଏହି ଆଦିବାସୀ ମହିଳା ପୁରୁଷ ଓ ଅନ୍ୟାନ୍ୟ ବର୍ଗର ଶ୍ରମିକଙ୍କୁ ସରକାର ପଞ୍ଜୀକୃତ କରିବା ପାଇଁ ଦାବି କରିଛନ୍ତି। ବ୍ଲକର ଉପକୂଳ ଅଞ୍ଚଳ ମଧ୍ୟରେ ଜଙ୍ଗଲ ଘେରି , ସିଂ ପଡ଼ା, ଅରୁଣ ନଗର, ବାର ନମ୍ବର, ଲୁଣି ମାଠିଆ, ପାଣିଖିଆ, ଜମ୍ବୁ, ପନ୍ଦର ମାଇଲ, ଖରିନାସି, ବଡିଘର, ସୁନିତି, କେବି ଦାଣ୍ଡୁଆ, ବାଘୁଆ ମେଦ, ପେଟଛେଲା, ଶବର ପଡ଼ା ଆଦି ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରମିକ ସରକାରୀ ପଞ୍ଜୀକୃତରୁ ବଞ୍ଚିତ ହେଉଛନ୍ତି ବୋଲି କହିଛନ୍ତି ସ୍ଥାନୀୟ ଶ୍ରମିକମାନେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ ମିଟୁ



@ ସରିତା



@ ଶଶିକାନ୍ତ



@ ସିଦ୍ଧାନ୍ତ



@ ତୋଫାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଜ୍ରପାତରେ ଜଳିଗଲା ୩ବଖରା

**ରାଜକନିକା,୩୦।୪(ସଞ୍ଜୟ କୁମାର ଦାଶ)**

ରାଜକନିକା ଥାନା ଅନ୍ତର୍ଗତ ନହୁଣୀ ପଞ୍ଚାୟତ ସଫଲାଙ୍ଗ ଗାଁରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ୩ବଖରା ଘର ଜଳିଯାଇଛି। କ୍ଷତିଗ୍ରସ୍ତ ହେଲେ ଗାଁର ସନ୍ଥଚରଣ ସାହୁ। ରାଜକନିକା ଦମକଳ ବାହିନୀ ଖବରପାଇ ତୁରନ୍ତ ନିଆଁକୁ ଆୟତ୍ତ କଲାବେଳକୁ ସବୁକିଛି ଜଳିପଡି ପାଉଁଶ ହୋଇଯାଇଥିଲା। କାଳବୈଶାଖୀ ପ୍ରଭାବରେ ସନ୍ଧ୍ୟାରେ ବର୍ଷା, ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ପ୍ରତିଶ୍ରୁତି ପରେ ଫାଟକ ତାଲା ଖୋଲିଲା

**ରାଜକନିକା,୩୦।୪(ସଞ୍ଜୟ କୁମାର ଦାଶ)**

## ହାଟସାହି ପଞ୍ଚାୟତ କାର୍ଯ୍ୟାଳୟ୍ ମୁଖ୍ୟ ଫାଟକରେ ତାଲା ପକାଇବା ଘଟଣା

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ହାଟସାହି ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଘଟଣାର ଗୁରୁବାର ପୂର୍ଣ୍ଣଚ୍ଛେଦ ଘଟିଛି। ହାଟସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୦ଲକ୍ଷ ଟଙ୍କାର ଏକ ଫାସିଲେଟେଡ୍ ସେଣ୍ଟର (ସୁବିଧା ବା ସହଜ କେନ୍ଦ୍ର) ନିର୍ମାଣ ନିମ୍ନମାନର କାମ ହେଉଥିବା ଅଭିଯୋଗରେ ମହିଳାମାନେ ୧୭ଦିନ ହେବ ପଞ୍ଚାୟତର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ମାଜିଷ୍ଟ୍ରେଟ୍ ଭାବେ କନିକା ତହସିଲଦାର ଭାନୁମତୀ ମାଝୀ, ବିଡିଓ କୈଳାସ ଚନ୍ଦ୍ର ମହାଲିକ, ଏବିଡିଓ ଅଜୟ କୁମାର ବେହେରା, କଣ୍ଟିଆ ଫାଣ୍ଡି ଅଧିକାରୀ ଶୈଳେନ୍ଦ୍ର ପଲାଇ, ସରପଞ୍ଚ ସୀତାରାଣୀ ଦାସ ଓ ମହିଳା ସମିତିର ସଦସ୍ୟାଙ୍କ ଉପସ୍ଥିତିରେ ତାଲା ଖୋଲାଯାଇଛି। ମହିଳାମାନଙ୍କ ଦାବି ଅନୁଯାୟୀ ପଞ୍ଚାୟତର ଫାସିଲେଟେଡ୍ ସେଣ୍ଟର ନିର୍ମାଣ ପାଇଁ ଆସିଥିବା ୧୦ଲକ୍ଷ ଟଙ୍କା ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଛାତଘର କରାଯିବ ବୋଲି ପ୍ରଶାସନ



ତାଲା ଖୋଲିବା ପୂର୍ବରୁ ଅଧିକାରୀମାନେ ସରପଞ୍ଚ ଓ ହିଳା ସଙ୍ଗଠନ ସଦସ୍ୟାଙ୍କ ସହ ଆଲେଚନା କରୁଛନ୍ତି।

ପାଖରୁ ଲିଖିତ ଭରସା ପାଇବା ପରେ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ତାଲା ଖୋଲିଛନ୍ତି। ଏହାବାଦ୍ ଦୀର୍ଘଦିନ ହେବ କାର୍ଯ୍ୟାଳୟର ଆଲମିରା ମଧ୍ୟ ଖୋଲାଯାଇଛି ।

ରାଜକନିକା ପଞ୍ଚାୟତ ସମିତି ଅଧୀନ ହାଟସାହି ପଞ୍ଚାୟତ ପରିସରରେ ପଞ୍ଚାୟତବାସୀଙ୍କ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଫାସିଲେଟେଡ୍ ସେଣ୍ଟର ନିର୍ମାଣ ହେବା ନେଇ ସରକାରୀସ୍ତରରେ ଚୂଡାନ୍ତ ହୋଇ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆସରିଥିଲା। ହେଲେ ପଞ୍ଚାୟତର ମହିଳା ସରପଞ୍ଚ ସୀତାରାଣୀ ଦାସଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇ ନ ଥିଲା। ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ନିମ୍ନମାନର କାର୍ଯ୍ୟ କରି ଟଙ୍କା ହଡ଼ପ କରିବାର ଷଡଯନ୍ତ୍ର କରିଥିବା ନେଇ ସେ ଅଭିଯୋଗ କରିଥିଲେ। ପୁନଶ୍ଚ ଠିକାଦାର ପ୍ରକଳ୍ପକୁ ପ୍ରାବଧାନ ଅନୁସାରେ କରୁ ନ ଥିବା ମହିଳା ସମିତି ସଦସ୍ୟାନେ ଅଭିଯୋଗ କରିଥିଲେ। ପ୍ରକଳ୍ପର ଏଷ୍ଟିମେଟ ଓ କାର୍ଯ୍ୟାଦେଶ ଦେଖାଇବାକୁ କହିଥିଲେ। ଆହୁରି ମଧ୍ୟ ବିନା ସୂଚନା ଫଳକରେ କିପରି କାର୍ଯ୍ୟ ହେବ ବୋଲି ପ୍ରଶ୍ନ କରିଥିଲେ। ସମ୍ପୃକ୍ତ ଠିକାଦାର ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଉପସ୍ଥିତ ମହିଳା ସଙ୍ଗଠନର ସଦସ୍ୟମାନେ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ସରପଞ୍ଚ ସୀତାରାଣୀ ଦାସ କହିଛନ୍ତି, ୧୦ ଲକ୍ଷ ଟଙ୍କାର କାମ ତାଙ୍କୁ ନ ଜଣାଇ ଟିଣ ପକାଇ ହରିଲୁଟ କରିବା ଉଦ୍ୟମକୁ ବିରୋଧ କରି ଗେଟରେ ତାଲା ପକାଯାଇଥିଲା। ଅନ୍ୟପକ୍ଷରେ ବିଡିଓ କୈଳାସ ଚନ୍ଦ୍ର ମହାଲିକ କହିଛନ୍ତି, ସେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଏହି ଘଟଣା ଜାଣିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସରପଞ୍ଚଙ୍କ ଅବଗତରେ ଠିକ୍ ଭାବେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବାଲି ଲିଜ୍‌ଧାରୀଙ୍କୁ ରାସ୍ତାଦେବା ଲାଗି ସୀମା ନିର୍ଦ୍ଧାରଣ ଉଦ୍ୟମ

## ପ୍ରଶାସନର ତତ୍ପରତାକୁ ତୀବ୍ର ବିରୋଧ

**ପଟ୍ଟାମୁଣ୍ଡାଇ,୩୦।୪(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଳପୁଆ ବାଲିଘାଟରେ ବାଲି ଖାଦାନ ଲିଜ୍‌ଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ରାସ୍ତାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ସମସ୍ୟାର ସମାଧାନ ପାଇଁ ଗୁରୁବାର ପଟ୍ଟାମୁଣ୍ଡାଇ ତହସିଲ ପ୍ରଶାସନ ପକ୍ଷରୁ ଲିଜ୍‌ଧାରୀଙ୍କୁ ରାସ୍ତା ଦେବା ଉଦ୍ଦେଶରେ ଭୂମି ସୀମା ନିର୍ଦ୍ଧାରଣ ଉଦ୍ୟମ କରାଯାଇଥିଲା। ଶତାଧିକ ଲୋକ ଏହାକୁ ବିରୋଧ କରିଥିଲେ। ସୀମା ନିର୍ଦ୍ଧାରଣ ପାଇଁ ତହସିଲ ପକ୍ଷରୁ ପାଖ ମାଲିକାନା ସ୍ୱତ୍ୱ ଜମିବାଲାଙ୍କୁ କୌଣସି ନୋଟିଫିକେଶନ ନ ଦେଇ ମାପ କରାଇବା ଆଇନସଙ୍ଗତ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲିଚାଲାଣ ଯୋଗୁ ଚାଷ ଜମି କ୍ଷତି ହେଉଛି। ବାଲି ବୋଝେଇ ଗାଡ଼ି ଗାଁ ଦେଇ ଯିବା ବେଳେ ଦୁର୍ଘଟଣା ଘଟୁଛି। ପରିବା କ୍ଷେତରେ ବାଲିର ପରଦା ବସିଯାଉଛି । ଓଭରଲୋଡ୍ ପରିବହନ ଯୋଗୁ ରାସ୍ତା କ୍ଷତି ହେଉଛି। ମାତ୍ର କେନ୍ଦ୍ରାପଡା ମାଇନିଂ ଅଫିସ



ବାଲି ଚାଲାଣ ପାଇଁ ରାସ୍ତା ମାପଚୁପ କରାଯାଉଛି।

ପରିବେଶ ସୁରକ୍ଷା ଓ ଲୋକଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ନ ଦେଇ ସୀମା ନିର୍ଣ୍ଣୟ କରୁଛନ୍ତି। ନିର୍ଦ୍ଦେଶାବଳୀ ଅନୁସାରେ, ବନ୍ଧ କିମ୍ବା ବ୍ୟକ୍ତିଗତ ସମ୍ପତ୍ତିର ଧାରରୁ ଅତି କମ୍‌ରେ ୭.୫ ମିଟରର ଏକ ସୁରକ୍ଷା ବଫର ବଜାୟ ରଖାଯାଏ। ମୃତ୍ତିକା କ୍ଷୟକୁ ରୋକିବା ପାଇଁ ସୀମା ନିର୍ଦ୍ଧାରଣ ନଦୀକୂଳିଆ ଚାଷ ଜମିଥିବା ଥିବା ଅଞ୍ଚଳକୁ ବାଦ୍ ଦିଆଯାଇଥାଏ। ହେଲେ ଏଠାରେ ସମସ୍ତ ନିୟମକୁ ଉଲ୍ଲଂଘନ କରି ଗୁରୁବାର ପୋଲିସ ବଳ ସହିତ ମାପଚୁପ କରାଯାଉଛି ବୋଲି ଗିରିଧାରୀ ମହାନ୍ତି, ଅକ୍ଷୟ ରାଉତ, ଗୌରାଙ୍ଗ ନାୟକ, ରିତ ନାୟକ, ଉମାକାନ୍ତ ରାଉତ, ଶରତ ମଳିକ, ନାରାୟଣ ଧଳ, ଶତ୍ରୁଘ୍ନ ମଳିକ. କିଶୋର ରାଉତ ପ୍ରମୁଖ ଅଭିଯୋଗ କରିଥିଲେ। ଏ ନେଇ ଖଣି ଅଧିକାରୀ ସମ୍ମିତ ସାହୁଙ୍କୁ ପଚାରିବାରୁ ଅଳପୁଆ ବାଲିଘାଟ ନିଲାମ ଦିଆଯାଇଛି। ମାତ୍ର ବାଲି ଚାଲାଣକୁ ଗ୍ରାମବାସୀ ବିରୋଧ କରିବାରୁ ତହସିଲ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯାଇ ରାସ୍ତା ଚିହ୍ନଟ କରାଯାଇଛି। ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ଆଇନର ଆଶ୍ରୟ ନେବାକୁ ଗ୍ରାମର ବହୁ ଲୋକେ ପ୍ରସ୍ତୁତ ହେଉଥିବା ବରିଷ୍ଠ ନାଗରିକ ସମନ୍ୱୟ ସମିତି ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, କୈଳାସ ଦାସ, ସନ୍ତୋଷ ଦାସ କହିଛନ୍ତି।

## ଭାରିଯାନ କଟକଣା ବାଟବଣା

# ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

**ନୟାଗଡ଼,୩୦।୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ଭାରିଯାନ ଉପରେ ଜିଲା ପ୍ରଶାସନ କଟକଣା ଜାରି କରିଥିଲେ ମଧ୍ୟ ତାହା ବାଟବଣା ହୋଇଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇ ଭାରିଯାନକୁ ଚଳାଚଳ କରାଯାଉଛି। ସକାଳ ୭ଟାରୁ ରାତ୍ର ୯ଟା ଭାରିଯାନକୁ ବାରଣ କରାଯାଇଥିଲେ ମଧ୍ୟ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଉଠିଛି। ନୟାଗଡ଼ ବଜାର ଓ ଡିଆରଡିଏ ରାସ୍ତା ଦେଇ ଭାରିଯାନ ଚଳାଚଳ ସୁବବେଳେ କରୁଥିବାର ଦେଖିବାକୁ ମିଳୁଛି। ପ୍ରକାଶଯେ, ମୋଟର ଯାନ ଆକ୍ଟ ୧୯୮୮(୫୯),ରୁଲ ୧୯୯୩(୧୭୩)ଅନୁସାରେ ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବା ପାଇଁ ସମଗ୍ର ନୟାଗଡ଼ ଜିଲାରେ ମାଲ ପରିବହନ କରୁଥିବା ଭାରିଯାନ ଟିପ୍ପର, ଟ୍ରକପ୍ ଦ୍ୱାରା ବାଲି, ମୋରମ,ଗୁଣ୍ଡ ପଥର(ଟିପସ୍),ଖଣ୍ଡ ପଥର ଓ ଇଟା ଇତ୍ୟାଦିର ପରିବହନ ଉପରେ କଟକଣା ଲାଗୁ କରାଯାଇଛି। ଭାରିଯାନକୁ ଜିଲା ଭିତରେ ଚାଳାଚଳ କରିବାକୁ ସକାଳ ୭ଟାଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ ବାରଣ ଥିବାବେଳେ ଅପରାହ୍ନ ୧ଟାରୁ ୩ଟା ମଧ୍ୟରେ ଭାରିଯାନ ଯାତାୟାତ କରିବାକୁ ଅନୁମତି ରହିଛି। ତେବେ ନିଷେଧାଦେଶକୁ ଅଣଦେଖା କରିବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏନେଇ ଆଇନଜୀବୀ ରଣଜିତ ଦାଶ କୁହନ୍ତି, କାଗଜ କଲମରେ କଟକଣା ଲାଗୁ କରାଯାଉଥିବା ବେଳେ କାର୍ଯ୍ୟକାରିତା ହୋଇପାରୁ ନାହିଁ। ଏଣୁ କଟକଣା ଲାଗୁ ପରେ ବି ଭାରିଯାନ ଚଳାଚଳ କରୁଥିବାରୁ ତାହା ତଦନ୍ତ ସାପେକ୍ଷ। ନିଷେଧାଦେଶକୁ ଅଣଦେଖା କରୁଥିବା ଚାଳକଙ୍କ ଉପରେ ଅନୁକମ୍ପା ନୁହେଁ, କାର୍ଯ୍ୟାନୁଷ୍ଠାନ ନେବା ଦରକାର। ଦୁର୍ଘଟଣାକୁ ଏଡାଇବା ପାଇଁ କଟକଣା ଲାଗୁ କରାଯାଇଛି। ଯଦି ଆଇନକୁ କାର୍ଯ୍ୟକାରୀ କରାନଯିବ ତେବେ ନିଷେଧାଦେଶ ଜାରିକରି ଲାଭ କ'ଣ ବୋଲି ପ୍ରଶ୍ନ ଉଠାଇଛନ୍ତି। ବିଭୂତି ପଟନାୟକ ନାମକ ଜଣେ ବ୍ୟକ୍ତି କହିଛନ୍ତି, ଜିଲା ସଦର ମହକୁମାରେ ଭାରିଯାନ ଦିନବେଳା ଚଳାଚଳ କରୁଛି।



ସହରରେ ଭାରିଯାନ ଚଳାଚଳ କରୁଛି।

ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ନ ଯାଇ ଷ୍ଟେଟବ୍ୟାଙ୍କ ରାସ୍ତା ଓ ଡିଆରଡିଏ ରାସ୍ତା ଦେଇ ଯାଉଛି। ପ୍ରଶାସନ କଟକଣା ଲାଗୁ କରିଥିବା ବେଳେ ପୋଲିସ କ'ଣ ପଦକ୍ଷେପ ନେଉଛି। ତହସିଲ କର୍ତ୍ତୃପକ୍ଷ କାହିଁକି ଚୁପ ରହିଛନ୍ତି। ଜିଲା ପ୍ରଶସନ ଏ ଦିଗରେ କାହିଁକି ସମୀକ୍ଷା କରୁନି। ଯଦି ଭାରିଯାନ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବାର ଅଛି ତେବେ କଟକଣା ଉଠାଇ ଦେବା ଦରକାର ବୋଲି କହିଛନ୍ତି। ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କୁହନ୍ତି, ଲୋକଙ୍କ ହିତ ପାଇଁ ଜିଲା ପ୍ରଶାସନ ଭାରିଯାନ ଉପରେ କଟକଣା ଲାଗୁ କରିଛି। କଟକଣା ବାଟବଣା ସେନେଇ ଜିଲା ପ୍ରଶାସନ ସମୀକ୍ଷା, ତଦାରଖ କରିବା ଦରକାର। କଟକଣା ଆଗକୁ ଯେପରି ବାଟବଣା ନ ହେବ ସେଥିପ୍ରତି ଜିଲା ପ୍ରଶାସନ ପଦକ୍ଷେପ ନେବା ଜରୁରୀ। ସନାତନ ନାୟକ କୁହନ୍ତି, ନୟାଗଡ ସହରରେ ଟ୍ରାଫିକ୍ ପୋଲିସ କିଛି ଭାରଯାନର ଫଟୋ ଉଠାଉଛି। ତେବେ ଫାଇନ ଲାଗୁ ହେଉଛି କି ନାଁ ଜଣାପଡୁନି। ଯଦି ଫାଇନ ଲାଗୁ ହେଉଛି, ତେବେ ପ୍ରଶାସନର ବାରଣ ସତ୍ତ୍ୱେ କାହିଁକି

■ଦିନବେଳା ଚଳାଚଳ କରୁଛି ଭାରିଯାନ

■ସକାଳ ୭ରୁ ରାତ୍ର ୯ଟା ପର୍ଯ୍ୟନ୍ତ ବାରଣ

ଭାରିଯାନ ଯାଉଛି। ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କରୁଥିବା ଭାରିଯାନ ମାଲିକ ଓ ଚାଳକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଏପରି ହେଲା ନିଷେଧାଦେଶକୁ ଅଣଦେଖା କରିବାକୁ କେହି ସାହାସ କରିବେ ନାହିଁ। ଏନେଇ ଜିଲା ପ୍ରଶାସନ ଦ୍ୱରିତ ପଦକ୍ଷେପ ନେବା ଦରକାର। ନାହିଁ ତ କଟକଣା ଉଠାଇ ଦେବା ଦରକାର। ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ପ୍ରଧାନ କୁହନ୍ତି, କଟକଣାକୁ ଅଣଦେଖା କରୁଥିବା ଭାରିଯାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆଜି ପୁଣି ଥରେ ନୂଆକରି ଜିଲା ପ୍ରଶାସନ କଟକଣା ଜାରି କରିଛନ୍ତି। ଯେଉଁ ଭାରିଯାନଗୁଡିକ କଟକଣାକୁ ଅଣଦେଖା କରି ଯାତାୟାତ କରିବେ ସେମାନଙ୍କର ଫଟୋ ଉଠାଇ ଜରିମାନା କରାଯିବ ବୋଲି କହିଛନ୍ତି।

# ବାଲ୍ୟବିବାହ ସଚେତନତା



ସ୍ଲୋଗାନ ମାଧ୍ୟମରେ ବାଲ୍ୟବିବାହ ଉପରେ ସଚେତନତା କରାଯାଉଛି।

**ଖଣ୍ଡପଡ଼ା, ୩୦।୪ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ନିଷେଧ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏକ ବାଲ୍ୟ ବିବାହମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମନ୍ୱିତ ଶିଶୁ ବିକାଶ ବିଭାଗ ଖଣ୍ଡପଡ଼ା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି। ଖଣ୍ଡପଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କନକଲତା ପୂଜାରୀ ଏ ଅବସରରେ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ସହ ତୃଣମୂଳସ୍ତରରୁ କିଭଳି ଏହି ଘୃଣ୍ୟ ପ୍ରଥାକୁ ରୋକା ଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତେ ସଚେତନ ହେବା,ଉପଯୁକ୍ତ ସମୟରେ ଦ୍ୱାକ୍‌ମାନଙ୍କୁ ବିବାହ କରିବା, ପାରିବାରିକ ବିବାଦର ଆପୋଷ ସମାଧାନ କରିବା ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତପ୍ରକାଶ ପାଇଥିଲା। ସେହିପରି ବାଲ୍ୟ ବିବାହର ଭୟାବହତାର କୁପରିଣାମ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବାଲ୍ୟ ବିବାହ ସଂପୂର୍ଣ୍ଣ ରୂପେ ନିଷେଧ ନେଇ ଶପଥ ପାଠ କରିଥିଲେ। ପରେ ସମସ୍ତେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ନେତୃତ୍ୱରେ ବିଭିନ୍ନ ସଚେତନତା ସମ୍ପର୍କୀତ ପ୍ଲାକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରାରେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରି ଏ ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ସଚେତନତା ଶୋଭାଯାତ୍ରାରେ ୫୦ ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମିଲ ହୋଇଥିଲେ।

## କାଳବୈଶାଖୀ ଯୋଗୁ ବିଳମ୍ବରେ ବାଟଭାଙ୍ଗି ଚାଚେରୀ ବିଜେ ହେଲେ ଠାକୁର

**ଖଣ୍ଡପଡା,୩୦।୪(ଅଜୟ କୁମାର ମହାରଣା)**

କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ପରମ୍ପରା କ୍ରମେ ଗୁରୁବାର ଅକ୍ଷୟ ତୃତୀୟାର ୧୦ ଦିନ ପରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ସହିତ ଲକ୍ଷ୍ମୀ ସରସ୍ୱତୀ, ଶିବ ପାର୍ବତୀ ପୃଥକ୍ ବିମାନରେ ବାଟଭାଙ୍ଗି ସ୍ୱମନ୍ଦିରକୁ ବିଜେ ହୋଇଥିଲେ । ତେବେ ଆଜି ନୃସିଂହଙ୍କ ଜନ୍ମ ତିଥି ଯୋଗୁ ଠାକୁରଙ୍କ ସ୍ୱତନ୍ତ୍ର ନୀତି ସନ୍ଧ୍ୟା ପୂର୍ବରୁ ପାଳନ ହେବାର କାର୍ଯ୍ୟ ନିର୍ଘଣ୍ଟ ହୋଇଥିଲା। ଏ ପରିପ୍ରେକ୍ଷୀରେ ଠାକୁରମାନେ ଚନ୍ଦନ ପୋଖରୀରେ ଅପରାହ୍ନ ପ୍ରାୟ ୩ ଟାରେ ଦିନ ଓ ରାତ୍ରିର ଜଳକ୍ରୀଡା ବିଧି ସମ୍ପନ୍ନ କରି ଅପରାହ୍ନ ୪ଟାରେ ବାଟଭାଙ୍ଗି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ନୃସିହ ଜୀଉଙ୍କ ଜନ୍ମତିଥି ନୀତି ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ନିର୍ଘଣ୍ଟ ହୋଇଥିଲା । ଗୁରୁବାର ୧୧ଟାରେ ମଶାଲ ପ୍ରଜ୍ୱଳନ କରାଯାଇ ଦିନ ଚାପ(୧ ଘେରା) ସମ୍ପନ୍ନ ହେବା ପରେ ଅପରାହ୍ନ ପ୍ରାୟ ୪ଟା ୩୦ରେ ସନ୍ଧ୍ୟା ଚାପ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଚାପ(ଜଳକ୍ରୀଡା ପୋଖରୀରେ ୩ ଘେରା ପରିକ୍ରମା କରିବାର ବିଧି ରହିଥିବା ବେଳେ ମାତ୍ର ଦେଢ ଘେରା ଚାପ ଖେଳିବା ପରେ ହଠାତ୍ କାଳ ବୈଶାଖୀ ପ୍ରଭାବରେ ବର୍ଷା ଓ ପ୍ରବଳ ପବନ ଯୋଗୁ ଜଳକ୍ରୀଡା କରିବାରେ ବାଧକ ସାଜିଥିଲା । ଫଳରେ ଠାକୁରମାନଙ୍କୁ ବାଧ ହୋଇ ଚନ୍ଦନ ମଣ୍ଡସ୍ଥିତ ମନ୍ଦିରକୁ ଫେରାଇ ଆଣିବାକୁ ପଡିଥିଲା । ସନ୍ଧ୍ୟା ପ୍ରାୟ ୭ଟା ୩୦ରେ କାଳବୈଶାଖୀ ପ୍ରଭାବ କମିବା ପରେ ଅବଶିଷ୍ଟ ନୀତି ସଂପନ୍ନ କରାଯାଇଥିଲା । ଉପସ୍ଥିତ ନୀଳମାଧବ ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର, ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ସମେତ କର୍ମକର୍ତ୍ତା, ସେବାସୀ, ଶ୍ରଦ୍ଧାଳୁଗ୍ରାମବାସୀ ଓ ନୀଳମାଧବ ସଂଗଠନର ସଦସ୍ୟ ମାଧବ ଚନ୍ଦ୍ର ମହାରଣା,


ଚନ୍ଦନ ଚାପ ବିଜେ ପାଇଁ ଠାକୁରଙ୍କୁ ନିଆଯାଉଛି।

ନୀଳମାଧବ ମିଶ୍ର, ନବ କିଶୋର ବେହେରା ଓ ପିନାକି ପୃଷ୍ଟି ପ୍ରମୁଖ ଠାକୁରମାନଙ୍କୁ ବାଟଭାଙ୍ଗି ପାଛୋଟି ଆଣିବା କାର୍ଯ୍ୟରେ ସହଯୋଗ କରିଥିଲେ । ପରେ ରାତ୍ର ୮ଟାରେ ଠାକୁରମାନଙ୍କୁ ପୃଥକ୍ ବିମାନରେ ମଶାଲ ଶୋଭାଯାତ୍ରାରେ ଯାତ୍ରାପଦା ବଜାର, ହାଟମୁଣ୍ଡ ପାଟଣା, ମଝିସାହି ପାଟଣା ଓ ସେବକସାହି ପରିକ୍ରମା କରାଯାଇ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । ମନ୍ଦିରରେ ସନ୍ଧ୍ୟା ଧୂପ ସମ୍ପନ୍ନ ପରେ ନୃସିଂହ ଠାକୁରଙ୍କ ଜନ୍ମ ବିଧି ଆରମ୍ଭ ହୋଇଥିଲା । ତେବେ ଠାକୁରମାନେ ବାଟଭାଙ୍ଗି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ କଣ୍ଟିଲୋ ଅଞ୍ଚଳର ପ୍ରତ୍ୟେକ ସାହିମାନଙ୍କୁ ନିର୍ଦ୍ଧାରିତ ସମୟ ସାରଣୀ କ୍ରମେ ପ୍ରତ୍ୟେକଙ୍କ ଦ୍ୱାରରେ ଚାଚେରୀ ଭୋଗ ଖାଇବେ ବୋଲି ସୁନିଶ୍ଚିତ ହୋଇଯାଇଛି । ଏ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି। ଏହି ପରମ୍ପରାକୁ ଜାରି ରଖିବାକୁ ହେଲେ ଏହି କାର୍ଯ୍ୟକ୍ରମରେ ସେବାସୀ, ଛତିଶା ନିଯୋଗମାନଙ୍କ ସହମତି ସହ ଗ୍ରାମବାସୀଙ୍କ ସହଯୋଗର ଆବଶ୍ୟକତା ରହିଛି ।

# ଅଟୋ ଧକ୍କାରେ ଜଣେ ମୃତ

**ନୟାଗଡ଼,୩୦।୪(ଲୋକନାଥ ମିଶ୍ର)**

ବଲାଙ୍ଗୀର -ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ କଡ ଘର ସମ୍ମୁଖରେ ଛିଡା ହୋଇଥିବା ଜଣେ ବ୍ୟକ୍ତିଙ୍କ ଅଟୋ ଧକ୍କା ଦେବାରୁ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କାର୍ତ୍ତିକ ଜେନା(୫୬) । ଘର ଇଟାମାଟି ଥାନାର ପୁରୁଷୋତ୍ତମପୁର ଗାଁରେ। କାର୍ତ୍ତିକ ନିଜ ଘର ସମ୍ମୁଖରେ ଗୁରୁବାର ସକାଳ ପ୍ରାୟ ୭ଟାରେ ଛିଡା ହୋଇଥିଲେ । ତାଙ୍କୁ ଏକ ଅଟୋ ଧକ୍କା ଦେବାରୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା ।ତେବେ ଭୁବନେଶ୍ୱରରେ ମୃତ୍ୟୁ ପରେ ଇଟାମାଟି ଥାନା ପୋଲିସ ନଂ. ୧୫୧/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା । ଅନ୍ୟପକ୍ଷେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି ।

# ଗାଁରେ ହଜିବାକୁ ବସିଲାଣି କମାରଶାଳ

**ଖଣ୍ଡପଡା,୩୦।୪(ଅଜୟ କୁମାର ମହାରଣା)**

ସାମ୍ପ୍ରତିକ ସମାଜରେ ଆଉ ପୁରୁଣାକାଳିଆ ଲୌହ ସାମଗ୍ରୀର ଆଦର ନାହିଁ କି ଚାହିଦା ମଧ୍ୟ ନାହିଁ । ବାପଅଜା ଅମଳରୁ ଗାଁମାନଙ୍କରେ ଥିବା କମାର ଶାଳରେ ତିଆରି ହେଉଥିବା ବିଭିନ୍ନ ଘରକରଣା ସାମଗ୍ରୀ ବିଶେଷ କରି ପନିକି, ଛୁରି, କୋରଣା, ଟାଙ୍ଗିଆ, କଟୁରୀ, ଶାବଳ, ହାତୁଡି ଏବଂ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ଲଙ୍ଗଳ, ଦାଆ ଆଦି ପ୍ରତି ଲୋକଙ୍କର ଆଗ୍ରହ କମିବାରେ ଲାଗିଛି। କମାରଶାଳ ଅଲୋଡା ହୋଇ ପଡିଥିବା ବେଳେ ଏହି ଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କାରିଗର ଏବେ ଦୁର୍ଦ୍ଦିନରେ କାଳ କାଟୁଥିବା ଜଣାପଡିଛି । ଏହି ସାମଗ୍ରୀ ପରିବର୍ତ୍ତେଲୋକେ ମେଶିନ ତିଆରି ସରଞ୍ଜାମ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଅଦିନରେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଗ୍ରାମମାନଙ୍କରେ ମଧ୍ୟପ୍ରଦେଶରୁ ଆସିଥିବା କେତେକ ଲୋହାପିଟା(ଲୋହାର) କାରିଗର ଯେପରି ଭାବେ ଲୁହାର ବିଭିନ୍ନ ସାମଗ୍ରୀମାନ ତିଆରି କରୁଛନ୍ତି ତାହା ଦେଖିବାକୁ ଅବା ଖଣ୍ଡେ କିଣି ନେବାକୁ ଲୋକେ ଅଧିକ ଆଗ୍ରହ ଦେଖାଉଛନ୍ତି। ଏକଦା ନୟାଗଡ ଜିଲା ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗାଁରେ ବହୁ କମାର ଶାଳ ଗଢି ଉଠିଥିଲା । ସେଠାରେ କାରିଗରମାନେ ବିଭିନ୍ନ ଲୁହା ସାମଗ୍ରୀ ପ୍ରସ୍ତୁତ କରି ଜୀବିକା ନିର୍ବାହ କରି ଆସୁଥିଲେ । ମାତ୍ର ସମୟ ବଦଳିବା ସହ ପାରମ୍ପରିକ ସରଞ୍ଜାମ ପ୍ରତି ଲୋକଙ୍କ ଆଗ୍ରହ କମିଯାଇଛି । ଗାଁଗଣ୍ଡାରେ ଆଉ କମାରଶାଳ ଦେଖିବାକୁ ମିଳୁନି କେଉଁଠି କେମିତି କମାର ଶାଳ ରହିଥିଲେ ମଧ୍ୟ ସେଠାରେ କାମ ହେବାର ଦେଖିବାକୁ ମିଳୁନି । କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଖୁଦବେହେରା ପାଟଣା ଗ୍ରାମର କୃଷ୍ଣଚନ୍ଦ୍ର ମହାରଣା, ଛେଡ ମହାରଣା କୁହନ୍ତି, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଜଙ୍ଗଲ ଥିବାରୁ ଆମେମାନେ କାଠ କୋଇଲା ସହଜ ଓ ସୁଲଭ ମୂଲ୍ୟରେ ପାଇ ପାରୁଥିଲୁ । ମାତ୍ର ଜଙ୍ଗଲଗୁଡିକର ଦ୍ରୁତ ଅବକ୍ଷୟ ଘଟିଲାଣି । ପୁଣି ଜଙ୍ଗଲ ନିକଟରେ ରହୁଥିବା ଲୋକେ ଜଙ୍ଗଲ ସୁରକ୍ଷା କମିଟି କରି ଜଗାରଖା ଦାୟିତ୍ୱ ନେଉଛନ୍ତି । ଅପରପକ୍ଷରେ ଲୁହା ଦର ବୃଦ୍ଧି ସାଙ୍ଗକୁ କାଠ କୋଇଲା ଅଭାବ

**ରାଜ୍ୟ ବାହାର ଲୋହାର କାରିଗର ଗାଁମାନଙ୍କରେ ବେପାର ଜମାଉଛନ୍ତି**



ଯୋଗୁ ଉତ୍ପାଦିତ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଘଟିଛି । ଏହାଛଡା କମାରଶାଳରେ ତିଆରି ସାମଗ୍ରୀ ଅପେକ୍ଷା ମେସିନ ତିଆରି ସାମଗ୍ରୀ ବହୁ କମ ମୂଲ୍ୟରେ ମିଳୁଛି । ଫଳରେ ଲୋକେ କମାରଶାଳ ପ୍ରସ୍ତୁତ ସାମଗ୍ରୀ ପ୍ରତି ବିମୁଖ ହେଉଛନ୍ତି । ଫଳରେ ସ୍ଥାନୀୟ ଅଂଚଳର କମାର ସଂପ୍ରଦାୟର କାରିଗରମାନେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି । କଂଟିଲୋ ଅଂଚଳରେ ଜଣେ ମାତ୍ର ବ୍ୟକ୍ତି ଏହି ପାରମ୍ପରିକ ଶାଳରେ କାର୍ଯ୍ୟକରି ଆଖପାଖ ଅଂଚଳର ବରାଦ ଅନୁସାରେ କାର୍ଯ୍ୟକରି ଯେନତେନ ଉପାୟରେ ପରିବାର ପ୍ରତିପୋଷଣ କରୁଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ମଧ୍ୟପ୍ରଦେଶରୁ ଆସି ରାସ୍ତା କଡରେ ନିଜର କାର୍ଯ୍ୟ ସଂପାଦନ କରୁଥିବା ଲୋହାପିଟା(ଲୋହାର) କାରିଗର ସମ୍ପ୍ରଦାୟର ମହିଳା, ପୁରୁଷଙ୍କ କାରିଗରି କୌଶଳ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଇଛି। ଏଇ କିଛିଦିନ ହେବ ସମ୍ପୃକ୍ତ ମହିଳା ଓ ପୁରୁଷ କାରିଗରମାନେ ଖଣ୍ଡପଡା ଅଞ୍ଚଳର କଣ୍ଟିଲୋ, ବାଣପୁର, ବେଣାଗାଡିଆ, ବଳରାମପ୍ରସାଦ ଓ ସିଧାମୂଳା ଆଦି ବିଭନ୍ନ ଅଞ୍ଚଳକୁ ଆସି ଯେଉଁଭଳି ବେପାର କରୁଛନ୍ତି ସେଥିରେ ଗାଁ ଗହଳିର ଲୋକେ ଚକିତ ହୋଇଯାଉଛନ୍ତି। ସୂଚନାଯୋଗ୍ୟ, ଆମରାଜ୍ୟର କମାର ଶାଳରେ ଜଣେ ଲେଖାଏ କାରିଗର କିମ୍ବା ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟଜଣେ ସହଯୋଗୀ ରହିଥାନ୍ତି। ମାତ୍ର ମଧ୍ୟପ୍ରଦେଶରୁ ଆସିଥିବା ଏହି ସମ୍ପ୍ରଦାୟର ଶାଳରେ ମହିଳା ପୁରୁଷ ମିଶି ୪ଜଣ କାମ କରୁଥିବା ଦେଖିବାକୁ ମିଳୁଛି। ପୁରୁଷଙ୍କ ପରି ମହିଳାମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଯେଭଳି କାମ କରୁଛନ୍ତି ତାହା ଦେଖଣାହାରିଙ୍କୁ ଚକିତ କରୁଛି । ରାସ୍ତାରେ ଚାଲି ଯାଉଥିବା ଅବା ଯାନବାହନରେ ଯାଉଥିବା ଯାତ୍ରୀ ଏହି କାମ ଦେଖିବାକୁ ଘଡିଏ ସେଠାରେ ଠିଆହୋଇ ସେମାନଙ୍କର କାର୍ଯ୍ୟଶୈଳୀକୁ ଦେଖୁଥିବାର ଜଣାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲୀପ


@ ମିଟୁ


@ ସରିତା


@ ଶଶିକାନ୍ତ


@ ସିଦ୍ଧାନ୍ତ


@ ତୋଫାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅପରାହ୍ନରୁ ଲାଗିରହିଛି କାଳବୈଶାଖୀ

**ନୟାଗଡ଼,୩୦।୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ଅପରାହ୍ନରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାଳ ବୈଶାଖୀ ଲାଗିରହିଛି। ଘଡ଼ଘଡ଼ି, ବର୍ଷା, ପବନ ଲାଗି ରହିଛି। ବଜ୍ରପାତରେ ଖଣ୍ଡପଡା ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ନୟାଗଡ଼ ସହରର ପ୍ରଭୁ ଜଗନ୍ନାଥଙ୍କ ଚାପ ଖେଳ ବନ୍ଦ ରହିଛି। ସେହିପରି ଜିଲାରେ ବିଭିନ୍ନ ଠାକୁରଙ୍କର ଚାପଖେଳ ବର୍ଷା ପବନ ଯୋଗୁ ହୋଇ ପାରି ନାହିଁ। ଅନ୍ୟପକ୍ଷେ ବିଦ୍ୟୁତ୍‌ସେବା ବିଛିନ୍ନ ହୋଇପଡିଛି। ନୟାଗଡ଼ ସହରରେ ଯଦିଓ ବିଦ୍ୟୁତ୍ କିଛି ସମୟ ପାଇଁ ଆସିଥିଲା ତେବେ ବର୍ଷା ଓ ପବନ ଯୋଗୁ ପୁଣି କାଟ୍ ହୋଇଛି। ଜିଲାର ଅଧିକାଂଶ ଗାଁ ଓ ସହର ଅନ୍ଧାରରେ ରହିଛି। ପୁଣି ଗାଁ ଓ ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ସ୍ଥାନୀୟ ଲୋକ ଗଛକୁ କାଟିବା ପରେ ଯାତାୟାତ ହୋଇଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ।

**ଓଡଗାଁ,୩୦।୪(ନାରାୟଣ ପାଣିଗ୍ରାହୀ)**

ଓଡଗାଁ ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଉଁଶଗାଡିଆର ପ୍ରଧାନ ଶିକ୍ଷକ ବିପିନ କୁମାର ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟରେ ବାଉଁଶ ଗାଡିଆ ଗ୍ରାମ ସଭାପତି ବିଦ୍ୟାଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାଉଁଶଗାଡିଆ, ରଗଡ଼ିସାହି ଗ୍ରାମବାସୀ ଓ ବିଦ୍ୟାଳୟର ସହକର୍ମୀ, ମାତୃମଞ୍ଚ ପରିଚାଳନା କମିଟି ସଭ୍ୟ ସଭ୍ୟା, ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ମହାରଣା, ଶିକ୍ଷାବିତ୍ ଦେବରାଜ ତ୍ରିପାଠୀ, ଗୌଡ଼ପୁଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଫକୀର ମୋହନ ମିଶ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ। ଏହା ବ୍ୟତୀତ ବାଉଁଶଗାଡିଆ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ବିପିନ ସାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସାର ତାଙ୍କ ଚାକିରି ଜୀବନର ଅନୁଭୂତି କହିଥିଲେ । ତା ପରେ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ବାଜା ବଜାଇ ଗ୍ରାମରେ ବୁଲାଇ ସାରଙ୍କୁ ଆଣି ଓଡ଼ଗାଁରେ ଛାଡ଼ିଥିଲେ ।

